# NATIONAL NEWS BULLETIN (ODIA)

**9 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆସାମ, କେରଳମ୍ ଏବଂ ପୁଡୁଚେରୀ ବିଧାନସଭା ନିର୍ବାଚନ ପାଇଁ ଭୋଟ୍‌ଗ୍ରହଣ ଜାରି ।

- ତାମିଲଡନାଡୁର ଗୋଟିଏ ଏବଂ ପଶ୍ଚିମ ବଙ୍ଗର ପ୍ରଥମ ପର୍ଯ୍ୟାୟ ମତଦାନ ଲାଗି ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିବସ ।

- ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଆଜିର ସମୟର ଆବଶ୍ୟକତା ବୋଲି କହିଲେ ପ୍ରଧାନମନ୍ତ୍ରୀ ।

- ଆମେରିକା ପ୍ରତିରକ୍ଷା ସଚିବଙ୍କ ସହ ଦ୍ୱିପାକ୍ଷିକ ବାଣିଜ୍ୟ ରଣନୀତି ସମ୍ପର୍କରେ ଆଲୋଚନା କଲେ ଭାରତର ବୈଦେଶିକ ସଚିବ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି କୋଲକାତା ନାଇଟ୍ ରାଇଡର୍ସ ଏବଂ ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍‌ସ ମଧ୍ୟରେ ଅନୁଷ୍ଠିତ ହେବ ମ୍ୟାଚ୍ ।

---

## ଇଲେକ୍‌ସନ୍

ଆସାମ, କେରଳମ୍ ଓ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପାଇଁ ମତଗ୍ରହଣ ଚାଲିଛି । ଦିନ ଗୋଟାଏ ସୁଦ୍ଧା ଆସାମରେ ୫୯ ଦଶମିକ ୬/୩ ପ୍ରତିଶତ, କେରଳମରେ ୪୯ ଦଶମିକ

୭/୦ ପ୍ରତିଶତ ଏବଂ ପୁଡୁଚେରୀରେ ୫୬ ଦଶମିକ ୮/୩ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି ।

ଆସାମ ବିଧାନସଭାର ୧୨୬ଟି, କେରଳମ୍‌ର ୧୪୦ ଏବଂ ପୁଡୁଚେରୀର ୩୦ଟି ଆସନ ପାଇଁ ମତଦାନ ଅନୁଷ୍ଠିତ ହେଉଛି । ନିର୍ବାଚନକୁ ମୁକ୍ତ, ଅବାଧ ତଥା ଶାନ୍ତିପୂର୍ଣ୍ଣ ଭାବେ ସଂପନ୍ନ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଭୋଟ୍‌ଗ୍ରହଣ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ ।

ପୁଡୁଚେରୀରେ ମୋଟ୍ ୯ ଲକ୍ଷ ୫୦ ହଜାର ୬୩୯ ଜଣ ମତଦାତା ୨୯୪ଜଣ ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ । ଏଥିଲାଗି ୧ ହଜାର ୯୯ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି । ସେଥିମଧ୍ୟରୁ କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ୩୦ଟି ପିଙ୍କ୍ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥିବା ବେଳେ ଯୁବବର୍ଗଙ୍କ ଦ୍ୱାରା ପରିଚାଳିତ ୧୫ଟି ଏବଂ ଦିବ୍ୟାଙ୍ଗମାନଙ୍କ ଦ୍ୱାରା ପରିଚାଳିତ ଦୁଇଟି ଅନୁରୂପ କେନ୍ଦ୍ର ସ୍ଥାପନ କରାଯାଇଛି । ଆଜି ସକାଳେ ଭୋଟ୍ ଦେଇଥିବା ପ୍ରମୁଖ ବ୍ୟକ୍ତିଙ୍କ ମଧ୍ୟରେ ଉପରାଜ୍ୟପାଳ କେ. କୈଳାସ ନାଥନ୍, ମୁଖ୍ୟମନ୍ତ୍ରୀ ଏନ୍.ରଙ୍ଗସ୍ୱାମୀ, ବିଧାନସଭା ବାଚସ୍ପତି ଆର୍. ସେଲଭମ ଏବଂ ବିରୋଧୀଦଳ ନେତା ଆର୍. ଶିବା ରହିଛନ୍ତି ।

ନିର୍ବାଚନ ଲାଗି ପୁଡୁଚେରୀରେ ମୋଟ୍ ୪ ହଜାର ୮୩୬ ଜଣ ସରକାରୀ କର୍ମଚାରୀ, ୨ ହଜାର ୭୯୧ ପୁଲିସ୍ କର୍ମଚାରୀ ଏବଂ ୧୭୩ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଛନ୍ତି । ଏତଦ୍ ବ୍ୟତୀତ ନିର୍ବାଚନ ଆୟୋଗଙ୍କର ଆନ୍ତର୍ଜାତିକ ନିର୍ବାଚନ ପରିଦର୍ଶକ କାର୍ଯ୍ୟକ୍ରମ

ଅଧୀନରେ ପୁଡୁଚେରୀର ମତଦାନ ପ୍ରକ୍ରିୟା ସମ୍ପର୍କରେ ଅଭିଜ୍ଞତା ହାସଲ କରିବା ଲାଗି ୬ଟି ଦେଶର ୯ ଜଣ ପ୍ରତିନିଧି ସେଠାରେ ଉପସ୍ଥିତ ଥିବା ଜଣାପଡ଼ିଛି। ଏହି ଦେଶଗୁଡ଼ିକ ହେଲା କିର୍‌ଗିଜ୍‌ସ୍ତାନ, କୋଟେ ଡି'ଆଇଭରି, ମାଲଡୋଭା, ମଙ୍ଗୋଲିଆ, ଗୁଆନା ଏବଂ ଭୁଟାନ୍ ।

କେରଳମ୍‌ରେ ମୋଟ୍ ୮୮୩ ଜଣ ପ୍ରାର୍ଥି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି । ୨ କୋଟି ୭୧ ଲକ୍ଷ ମତଦାତା ୩୦ ହଜାର ୪୯୫ଟି ଭୋଟ କେନ୍ଦ୍ରରେ ନିଜର ଗଣତାନ୍ତ୍ରିକ ମତାଧିକାର ସାବ୍ୟସ୍ତ କରୁଛନ୍ତି । ସେଥିମଧ୍ୟରୁ ୨ ହଜାର ୪୦ଟି କେନ୍ଦ୍ରକୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି । ଏଥିଲାଗି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ରାଜ୍ୟରେ ୧୬୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବାହିନୀଙ୍କ ସମେତ ରାଜ୍ୟ ପୁଲିସ୍‌ର ୭୬ ହଜାର କର୍ମଚାରୀ ନିୟୋଜିତ ହୋଇଛନ୍ତି । ମତଦାନ ଶେଷ ହେବା ପର୍ଯ୍ୟନ୍ତ ରାଜ୍ୟବ୍ୟାପି ମଦଦୋକାନଗୁଡ଼ିକୁ ବନ୍ଦ ରଖାଯାଇଛି ।

ଆସାମ ବିଧାନସଭା ନିର୍ବାଚନରେ ୫୯ ଜଣ ମହିଳାଙ୍କ ସମେତ ମୋଟ୍ ୭୨୨ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ଆଜି ନିର୍ଦ୍ଧାରଣ ହେବ । ରାଜ୍ୟର ଅଢ଼େଇକୋଟିରୁ ଉର୍ଦ୍ଧ୍ୱ ମତଦାତା ମୋଟ୍ ୩୧ ହଜାର ୪୯୦ଟି ବୁଥ୍‌ରେ ନିଜର ମତାଧିକାର ସାବ୍ୟସ୍ତ କରିବେ । ସେଥିମଧ୍ୟରୁ ୬ ଲକ୍ଷ ୪୦ ହଜାରରୁ ଉର୍ଦ୍ଧ୍ୱ ଯୁବ ଭୋଟର ପ୍ରଥମଥର ଲାଗି ଆଜି ମତଦାନ କରିବେ। ମୋଟ୍ ମତଦାନ କେନ୍ଦ୍ର ମଧ୍ୟରୁ ୪ ହଜାର ୨୧ଟି କେନ୍ଦ୍ର କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେଉଛି ।

ତାମିଲନାଡୁରେ ଗୋଟିଏ ପର୍ଯ୍ୟାୟ ନିର୍ବାଚନ ଓ ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିବସ ରହିଛି । ଏହି ପର୍ଯ୍ୟାୟ ପାଇଁ ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ୍ ପ୍ରକ୍ରିୟା ଶେଷ ହୋଇଛି ।

ଅନ୍ୟପକ୍ଷରେ ପଶ୍ଚିମବଙ୍ଗର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବଚାନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆଜି ଶେଷ ହେଉଛି ।

# ଡବ୍ଲ୍ୟୁବି-ପିଏମ୍ ର୍ୟାଲି

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ପଶ୍ଚିମବଙ୍ଗରେ ବିଜେପି ଶାସନ କ୍ଷମତାକୁ ଆସିଲେ କୃଷକ, ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ପାଇଁ କାର୍ଯ୍ୟ କରିବ । ପଶ୍ଚିମବଙ୍ଗର ହଳଦିଆଠାରେ ଏକ ର୍ୟାଲିରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି ବିଧାନସଭା ନିର୍ବାଚନରେ ବିଜେପି ସରକାର ଗଠନ କଲେ ଧାନଚାଷୀ, ଆଳୁଚାଷୀ, ପାନଚାଷୀ ମାନେ ଉପକୃତ ହେବେ । ଶ୍ରୀ ମୋଦୀ ତୃଣମୂଳ କଂଗ୍ରେସକୁ ସମାଲୋଚନା କରି କହିଛନ୍ତି ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ଦିଗରେ ଏହି ଦଳ ଗୁରୁତ୍ୱପ୍ରଦାନ କରିନାହିଁ । ଭାରତୀୟ ଜନତା ପାର୍ଟି ସର୍ବଦା ଗରିବ ଲୋକଙ୍କ କଲ୍ୟାଣ ପାଇଁ ଚିନ୍ତା କରିଥାଏ ବୋଲି ସେ କହିଛନ୍ତି । ପରେ ପ୍ରଧାନମନ୍ତ୍ରୀ ଆସାନସୋଲ ଏବଂ ସୁରୀଠାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟସୂଚୀ ରହିଛି ।

ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଆଜି ଉତ୍ତର ଚବିଶପ୍ରଗଣା ଜିଲ୍ଲାର ମୀନାଖାନ୍‌ଠାରେ ଏକ ର୍‍ୟାଲିରେ ଯୋଗଦେଇଛନ୍ତି । ସେ ଉତ୍ତର ଚବିଶପ୍ରଗଣା ଜିଲ୍ଲାର ବିଭିନ୍ନ ସ୍ଥାନରେ ଆୟୋଜିତ ଜନସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

## ନାଗାଲାଣ୍ଡ ବାଇ ଇଲେକ୍ସନ

ନାଗାଲାଣ୍ଡର ମୋକ୍କୋଚୁଙ୍ଗ ଜିଲ୍ଲାର ୨୮ଟି କୋରିଦାଙ୍ଗ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୩୦ଟି ଭୋଟ୍‌ଗ୍ରହଣ କେନ୍ଦ୍ରରେ ଉପନିର୍ବାଚନ ଅନୁଷ୍ଠିତ ହେଉଛି । ସେଠାରେ ଭୋଟ୍‌ଗ୍ରହଣ ସକାଳ ୭ଟାରୁ ଆରମ୍ଭ ହୋଇଛି । ଏହା ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଚାଲିବ । ଏହିସବୁ ନିର୍ବାଚନ ମଣ୍ଡଳୀ ପାଇଁ ୨୨ହଜାର ୩୦୦ ଭୋଟ୍‌ଦାତା ୬ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ୩୦ଟି ଭୋଟ୍‌ଗ୍ରହଣ କେନ୍ଦ୍ର ମଧ୍ୟରୁ ୧୭ଟିକୁ ଉତ୍ତେଜନାପ୍ରବଣ ଏବଂ ୧୩ଟିକୁ ଅତି ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି । ସମ୍ଭାବ୍ୟ ଗଣ୍ଡଗୋଳ ଥିବା ସ୍ଥାନ ମାନଙ୍କରେ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ନାଗାଲାଣ୍ଡରେ ୨ଟି ଭୋଟ୍‌ଗ୍ରହଣ କେନ୍ଦ୍ର ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଛି । ଦିନ ୧୧ଟା ସୁଦ୍ଧା ସେଠାରେ ୪୧ ଦଶମିକ ୦/୬ ପ୍ରତିଶତ ମତଦାନ ହୋଇଥିବା ଆକଳନ କରାଯାଇଛି ।

# ପିଏମ୍-ଓପିଇଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ବିଧାନସଭାରେ ମହିଳାଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା ଆଜିର ସମୟରେ ଭାରତୀୟ ଗଣତନ୍ତ୍ରରେ ଆବଶ୍ୟକତା ରହିଛି । ମହିଳାମାନଙ୍କ ଅଂଶଗ୍ରହଣ ଏ କ୍ଷେତ୍ରରେ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ଓପିଇଡିରେ ନିଜର ଭାବନା ପ୍ରକାଶ କରି ଶ୍ରୀ ମୋଦୀ କହିଛନ୍ତି ମହିଳାମାନଙ୍କ ଲାଗି ବିଧାନସଭାରେ ସଂରକ୍ଷଣ ବ୍ୟବସ୍ଥାରେ ବିଳମ୍ବ ଏକ ଦୁର୍ଭାଗ୍ୟଜନକ । ଚଳିତମାସ ୧୬ ତାରିଖରେ ସଂସଦର ବୈଠକର ଆହ୍ୱାନ କରାଯାଇ ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକ ସମ୍ପର୍କରେ ଆଲୋଚନା ଏବଂ ପାସ୍ ହେବାର ସହ ମହିଳାମାନଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହେବାର ସମ୍ଭାବନା ରହିଛି ।

## V/O (PM-ON--WOMEN-RESERVATION)

ପ୍ରଧାନମନ୍ତ୍ରୀ କହିଛନ୍ତି ଆଗାମୀ ଦିନରେ ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ହେବାକୁ ଥିବା ୨୦୨୯ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ମହିଳାଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ସହ ଭୋଟ୍ ହେବ । ସେ କହିଛନ୍ତି ଗତ ଦଶନ୍ଧି ଧରି ମହିଳାମାନଙ୍କୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଉପଯୁକ୍ତ ସ୍ଥାନ ଦେବାଲାଗି ଉଦ୍ୟମ ଜାରି ରହିଛି । ଏଥିନିମନ୍ତେ କମିଟି ଗଠନ ହେବା ସହ ଏ ସମ୍ପର୍କିତ ଚିଠା ବିଲ୍ ଆଗତ କରାଯାଇଛି । ୨୦୨୩ ମସିହା ସେପ୍ଟେମ୍ବରରେ ସଂସଦରେ ମହିଳା ସଚେତନତାର ବାର୍ତ୍ତା ନେଇ ନାରୀଶକ୍ତି ବନ୍ଦନ ଅଧିନିୟମ ଗୃହୀତ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

V/O (NEWSPAPER-WRITING-ON--WOMEN-RESERVATION)

ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ଜନସଂଖ୍ୟାର ମହିଳାଙ୍କ ସଂଖ୍ୟା ପାଖାପାଖି ଅର୍ଦ୍ଧେକ ଏବଂ ଦେଶ ତଥା ଜାତି ପ୍ରତି ସେମାନଙ୍କର ବଳିଷ୍ଠ ଅବଦାନ ରହିଛି । ଓପିଇଡିରେ ଶ୍ରୀ ମୋଦୀ କହିଛନ୍ତି ମହିଳାମାନଙ୍କର ବିକାଶ ହେଲେ ସମାଜର ବିକାଶ ସମ୍ଭବ । ମହିଳାମାନଙ୍କ ଅବଦାନକୁ ଗୁରୁତ୍ୱପ୍ରଦାନ କରି ପ୍ରଧାନମନ୍ତ୍ରୀ କହିଛନ୍ତି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଆଦି ବିଭିନ୍ନ କ୍ଷେତ୍ରରେ ଦେଶର ବିକାଶ ଦିଗରେ ମହିଳାମାନେ ସାମ୍ନାକୁ ଆସିଛନ୍ତି ।

## ମିଶ୍ରି-ୱାଶିଂଟନ୍ ମିଟିଂ

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆଜି ୱାଶିଂଟନ୍‌ରେ ଆମେରିକାରେ ଅଧିଗ୍ରହଣ ଏବଂ ସନ୍ତୁଳିତ ରକ୍ଷା ପାଇଁ ପ୍ରତିରକ୍ଷା ସଚିବ ମାଇକେଲ ପି. ଡଫିଙ୍କୁ ଭେଟିଛନ୍ତି । ଏକ ସାମାଜିକ ଗଣମାଧ୍ୟମ ଜରିଆରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧିର ଜୟସ୍ୱାଲ କହିଛନ୍ତି ଯେ, ଏହି ବୈଠକର ଲକ୍ଷ୍ୟ ହେଉଛି ଭାରତ ଏବଂ ଆମେରିକାର ପ୍ରମୁଖ ପ୍ରତିରକ୍ଷା ସହଭାଗିତାକୁ ଆଗକୁ ବଢ଼ାଇବା । ଏହା ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସହ-ଉତ୍ପାଦନ, ସ୍ଥାୟୀତ୍ୱ ଏବଂ ସହଭାଗୀ ପ୍ରାଥମିକତା ଉପରେ ଗୁରୁତ୍ୱ ବହନ କରୁଛି ।

ଶ୍ରୀ ମିଶ୍ରି ଆମେରିକାର ଶିଳ୍ପ ଏବଂ ସୁରକ୍ଷା ବ୍ୟୁରୋର ଉପ-ସଚିବ ୱିଲିୟମ୍ କମିଟ୍‌ଙ୍କୁ ମଧ୍ୟ ଭେଟିଥିଲେ । ଶ୍ରୀ ଜୟସ୍ୱାଲ କହିଛନ୍ତି ଯେ ଆଲୋଚନାରେ ଦ୍ୱିପାକ୍ଷିକ ବାଣିଜ୍ୟ, ରଣନୀତି ଏବଂ ଉଦୀୟମାନ ପ୍ରଯୁକ୍ତି ବିଦ୍ୟାରେ ନିବେଶ ବୃଦ୍ଧି କରିବା ସହିତ ରପ୍ତାନୀ ନିୟନ୍ତ୍ରଣ ଢ଼ାଞ୍ଚା ଉପରେ ଆଲୋଚନା କରିଥିଲେ ।

## ପ୍ରେଜ୍-ନ୍ୟାସନାଲ କମିଶନ

ଅନୁସୂଚିତ ଜନଜାତି ଜାତୀୟ ଆୟୋଗ ଅଧ୍ୟକ୍ଷ ଅନ୍ତର ସିଂହ ଆର୍ଯ୍ୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ସାକ୍ଷାତ୍ କରିଛନ୍ତି । ପ୍ରତିନିଧି ମଣ୍ଡଳୀ ପକ୍ଷରୁ ୨୦୨୪-୨୫ ବର୍ଷ ପାଇଁ ବାର୍ଷିକ ରିପୋର୍ଟ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିଲା ।

## ଏଲ୍‌ପିଜି ଭେସଲ ଆଶା

ଭାରତୀୟ ପତାକାଧାରୀ ଏଲ୍‌ପିଜି ବୋଝେଇ ଜାହାଜ ଗ୍ରୀନ୍ ଆଶା ଆଜି ମୁମ୍ବାଇଠାରେ ପହଞ୍ଚିଛି । ଏହି ଜାହାଜ ୧୫ହଜାର ୪୦୦ ଟନ୍ ଏଲ୍‌ପିଜି ବୋଝେଇ କରି ହର୍‌ମୁଜ ପ୍ରଣାଳୀ ଅତିକ୍ରମ କରିଥିଲା । ଆମେରିକା, ଇସ୍ରାଏଲ ସହ ଇରାନ୍‌ର ବିବାଦ ପରଠାରୁ ଏହା ହେଉଛି ମୁମ୍ବାଇର

ଜବହରଲାଲ ନେହେରୁ ବନ୍ଦରରେ ପହଞ୍ଚିଥିବା ପ୍ରଥମ ଜାହାଜ । ଜାହାଜରେ ଥିବା ସମସ୍ତ ନାବିକ ଏବଂ ମାଲ୍ ସୁରକ୍ଷିତ ଥିବା ଜଣାପଡିଛି ।

## ଅମିତ ଶାହା-ନବକର ମନ୍ତ୍ର

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ସମଗ୍ର ମାନବ ସମାଜ ଏବଂ ଜୈନ ଧର୍ମାବଲମ୍ବୀଙ୍କ ପାଇଁ ଶାନ୍ତି ଏବଂ ଆଧ୍ୟାତ୍ମିକ ଭାବନା ପ୍ରତିଷ୍ଠା କରିବା ନିମନ୍ତେ ନବକର ମହାମନ୍ତ୍ର ହେଉଛି ଏକ ଶକ୍ତିଶାଳୀ ମାଧ୍ୟମ । ନୂଆଦିଲ୍ଲୀଠାରେ ଆଜି ବିଶ୍ୱ ନବକର ମହାମନ୍ତ୍ର ଦିବସ ଅବସରରେ ସାଧୁସନ୍ଥମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି ଭାରତ ହେଉଛି ସବୁ ସଂପ୍ରଦାୟ ଏବଂ ଧର୍ମର ଭବନ । ସେ କହିଛନ୍ତି ଏହି ମନ୍ତ୍ର ଜୀବନରେ ସଚେତନତା ଏବଂ ଧାର୍ମିକ ଭାବନା ଉଦ୍ରେକ କରିଥାଏ ।

## ୱାର୍ଲ୍ଡ ହୋମିଓପ୍ୟାଥି ଡେ

ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତାକାଲି ନୂଆଦିଲ୍ଲୀଠାରେ ବିଶ୍ୱ ହୋମିଓପ୍ୟାଥି ଦିବସ ପାଳନ କରାଯିବ । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଏହି ଦୁଇଦିବସ କାର୍ଯ୍ୟକ୍ରମ, ନୀତି ନିର୍ଦ୍ଧାରକ, ଗବେଷକ ଏବଂ ପାରଦର୍ଶିତା ହାସଲ କରିଥିବା ପ୍ରତିନିଧିମାନଙ୍କୁ ଏକତ୍ର କରିବା ଲାଗି ପ୍ରୟାସ କରିବ । ସେମାନେ ଦୀର୍ଘସ୍ଥାୟୀ ସ୍ୱାସ୍ଥ୍ୟ ଯତ୍ନ କ୍ଷେତ୍ରରେ

ହୋମିଓପ୍ୟାଥିର ଭୂମିକା ସମ୍ପର୍କରେ ନିଜନିଜର ମତ ଉପସ୍ଥାପନ କରିବେ । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଦୀର୍ଘ ସ୍ୱାସ୍ଥ୍ୟ ପାଇଁ ହୋମିଓପ୍ୟାଥି ଦିବସ ପାଳନ' ।

## କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜିର ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ' ଲକ୍ଷ୍ନୌ ସୁପରଜ୍ୟାଣ୍ଟ୍‌ସକୁ ଭେଟିବ । କୋଲକାତାର ଇଡେନ୍ ଗାର୍ଡେନ୍‌ସଠାରେ ଏହି ମ୍ୟାଚ୍ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍‌ସ' ଦିଲ୍ଲୀ କ୍ୟାପିଟାଲ୍‌ସକୁ ୧ ରନ୍‌ରେ ପରାସ୍ତ କରିଛି । ଗୁଜରାଟ ଟାଇଟନ୍ ପକ୍ଷରୁ ରସିଦ୍ ଖାନ୍ ୩ଟି ୱିକେଟ୍ ଅକ୍ତିଆର କରିବା ସହିତ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।